## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ଚାଷୀ ମୃତ

**ଢେଙ୍କାନାଳ ଅଫିସ,୨୨।୧୧:** ଢେଙ୍କାନାଳ ଜିଲା ଗଁଦିଆ ଥାନା ନେଉଳପୋଇ ଗ୍ରାମର ଚାଷୀ କଂଗ୍ରେସ ଗଡନାୟକ(୫୨)ଙ୍କ ସୋମବାର ସନ୍ଧ୍ୟାରେ ବାର୍‌ହା ଆକ୍ରମଣରେ ମୃତ୍ୟୁ ହୋଇଛି। କଂଗ୍ରେସ ଧାନ ଅମଳ ପାଇଁ ବିଲକୁ ଯାଇଥିବା ବେଳେ ବାର୍‌ହା ହାବୁଡ଼ରେ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ନିଆଁଲାଗି ନାବାଳିକା ଗୁରୁତର

**ଢେଙ୍କାନାଳ ଅଫିସ,୨୨।୧୧:** ଢେଙ୍କାନାଳ ଜିଲା ସଦର ଥାନା ଲୋଚାପଲି ଗ୍ରାମରେ ସୋମବାର ନିଆଁରେ ପୋଡିହୋଇ ସରସ୍ୱତୀ ପ୍ରଧାନ(୧୬) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରୋଷେଇ କରୁଥିବା ବେଳେ ଚୁଲିରୁ ନିଆଁ ଲାଗି ସେ ପୋଡି ଯାଇଥିବା ଜଣାପଡିଛି।

### ଶକ୍ତି ସୁଗାରରେ ଆଖୁପେଡ଼ା ଆରମ୍ଭ

**ଢେଙ୍କାନାଳ ଅଫିସ,୨୨।୧୧:** ଢେଙ୍କାନାଳ ସହର ଉପକଣ୍ଠ ହରିପୁରସ୍ଥିତ ଶକ୍ତି ସୁଗାର ଲିମିଟେଡ୍ ଚିନିକଳରେ ସୋମବାର ଚଳିତବର୍ଷର ଆଖୁପେଡା କାର୍ଯ୍ୟ ଶୁଭାରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟାରେ କମ୍ପାନୀ ପରିସରରେ ପାରମ୍ପରିକ ପୂଜାର୍ଚ୍ଚନା ଓ ହୋମ ପରେ ଆଖୁପେଡା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତବର୍ଷ ୨ଲକ୍ଷ ୬୦ହଜାର ମେଟ୍ରିକ୍ ଟନ୍ ଆଖୁ ପେଡା ଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ୨ଲକ୍ଷ ୨୯ହଜାର ମେଟ୍ରିକ୍ ଟନ ଆଖୁ ପେଡା ଯାଇଥିଲା।

### ଜଣେ ଆକ୍ରାନ୍ତ, ୪ ସୁସ୍ଥ

**ଢେଙ୍କାନାଳ ଅଫିସ,୨୨।୧୧:** ଢେଙ୍କାନାଳ ଜିଲାରୁ ସୋମବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତ ଜଣକ ଗଁଦିଆ ବ୍ଲକ ଅଞ୍ଚଳର। ସେହିପରି ଦିନକରେ ଜିଲାରୁ ୪ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଦିନକରେ ହୋଇଥିବା ୮୬୫ ଟେଷ୍ଟିଂକୁ ମିଶାଇ ଜିଲାରେ ମୋଟ ୫ ଲକ୍ଷ ୩୫ ହଜାର ୫୦୨ କୋଭିଡ୍ ଟେଷ୍ଟ ହୋଇସାରିଛି। ଏଥିରୁ ମୋଟ ୧୯ ହଜାର ୯୧୯ ଆକ୍ରାନ୍ତ ବାହାରିଥିବା ବେଳେ ୧୯ ହଜାର ୬୬୬ ଜଣ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ଜିଲାରେ ୧୦ ଜଣ କରୋନା ଆକ୍ରାନ୍ତ ଚିକିତ୍ସାଧୀନ ରହିଥିବା ବେଳେ ୨୪୪ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଏକଜୁଟ ହେବାକୁ ଆହ୍ୱାନ

**ବଇଣ୍ଡା,୨୨।୧୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ଖମାର ନିକଟରେ ରବିବାର ଭାଜପା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ଉପସଭାପତି ଶରତ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଠାକୁରଗଡ ମଣ୍ଡଳ ପ୍ରଭାରୀ ଅରବିନ୍ଦ ସାହୁ, ଜିଲା କମିଟି ସଦସ୍ୟ ଚୈତନ୍ୟ ସାହୁ, ପଙ୍କଜ ବେହେରା, ଚନ୍ଦନ ଦେହୁରୀ, ଯୋଗେଶ୍ୱର ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ସଫଳ ହେବ ଓ ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ ହେବ, ସେ ନେଇ ସମସ୍ତ କର୍ମୀ ଏକଜୁଟ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

# ଶୋଭାଯାତ୍ରାରେ ବାଜିବନି ଡିଜେ

**ଢେଙ୍କାନାଳ ଅଫିସ,୨୨।୧୧**



କୋଭିଡ୍ ପରିଚାଳନା ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକରେ ଅଧିକାରୀମାନେ।

**କୋଭିଡ୍ ପରିଚାଳନା ଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲରେ ସୋମବାର ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ପରିଚାଳନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଲୋକମାନଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ଯାତ୍ରା, ଡ୍ରାମା, ବିଭିନ୍ନ ଉତ୍ସବ ଆୟୋଜନକୁ ସରକାର ଅନୁମତି ଦେଇଛନ୍ତି। ଖୋଲା ପଡିଆ ଯାତ୍ରାରେ ୨ ହଜାର ଦର୍ଶକଙ୍କୁ ଅନୁମତି ଦିଆଯାଇଥିବା ବେଳେ ଆବଦ୍ଧ ସ୍ଥାନରେ ସିଟ୍ ସଂଖ୍ୟାର ୫୦ ପ୍ରତିଶତ ଦର୍ଶକ ବସିପାରିବେ। ବିବାହ ଉତ୍ସବ ଆଦିରେ ମାଇକ ସାଉଣ୍ଡ ବ୍ୟବହାର ହୋଇପାରିବ। କିନ୍ତୁ ଡିଜେ ସାଉଣ୍ଡ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। କୋଭିଡ୍ ସଂକ୍ରମଣଠାରୁ ଦୂରେଇ ରହିବାକୁ ମାଇକ ଯୋଗେ ଜନସାଧାରଣଙ୍କୁ ପୂର୍ବପରି ସଚେତନ କରାଯିବା ସହିତ ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ଯାଞ୍ଚ ପ୍ରକ୍ରିୟା ଜାରି ରଖିବାକୁ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଗାଇଦେବା ସହିତ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। କୋଭିଡ୍‌ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହା ପାତ୍ର, ଶିକ୍ଷା ଅଧିକାରୀ ନିବେଦିତା ପାଣି, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଓସଡମା ଡିପିଓ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

**ଢେଙ୍କାନାଳ ଅଫିସ,୨୨।୧୧**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବା ସହ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ଶପଥପାଠ କରାଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ଯୋଗଦେଇ ରେଡ୍‌କ୍ରସ୍‌ର ଲକ୍ଷ୍ୟ, ଉଦ୍ଦେଶ୍ୟ, ରକ୍ତଦାନ ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ କହିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ମାନବ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଯୁବ ରେଡ୍‌କ୍ରସ୍ ଜିଲା ଆବାହକ ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଯୋଜକ ଡ. ଭୂପେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ଶିବାନନ୍ଦ ସାହୁ ଓ ଡ. ବିଭୁଦତ୍ତ ଦାସ ଉପସ୍ଥିତ ଥିବାବେଳେ ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ରଶ୍ମୀ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ୫ଟି ମହାବିଦ୍ୟାଳୟରୁ ୨୦ ଜଣ ସ୍ୱେଚ୍ଛାସେବୀଙ୍କ ସହ ପରାମର୍ଶଦାତାମାନେ ଯୋଗ ଦେଇଛନ୍ତି।





ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର, ୨ ଗିରଫ

**ଅନୁଗୋଳ ଅଫିସ,୨୨।୧୧**

ବିଦ୍ୟୁତ୍ ଚୋରି ଧରିବା ବେଳେ ବିଭାଗୀୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରାଯାଇଛି। ସେମାନଙ୍କ ଗାଡ଼ିର କାଚ ଭାଙ୍ଗିଦିଆଯାଇଛି। ସୋମବାର ପୂର୍ବାହ୍ନରେ ଅନୁଗୋଳ ସହର ଉପକଣ୍ଠ କରବେରେଣୀ ଗ୍ରାମରେ ଏଭଳି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ବିଦ୍ୟୁତ୍ କର୍ମଚାରୀମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତ ରାଜଶ୍ରୀ ସାହୁ ଓ ଶୋଭାଗିନୀ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, ଟିପିସିଓଡିଏଲ୍ ସେକ୍ସନ-୩ର ଜିଏମ୍ ବିନାୟକ ସାହୁ, କର୍ମଚାରୀଙ୍କ ସହ କରବେରେଣୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କରବେରେଣୀ ଗ୍ରାମର ସୁଧୀର ସାହୁ ଚୋରରେ ବିଜୁଳି ଜାଳୁଥିବା ଖବର ପାଇଥିଲେ। ଅଭିଯୋଗ ପାଇ ଅଧିକାରୀଙ୍କ ସହ କର୍ମଚାରୀମାନେ ତାଙ୍କ ଘରେ ଚଢ଼ାଉ କରିଥିଲେ। ମାତ୍ର ଅଭିଯୁକ୍ତ ମହିଳାମାନେ ନାଲି ଆଖି ଦେଖାଇଥିଲେ। କର୍ମଚାରୀଙ୍କ ଖାତା ଫିଙ୍ଗା ଫୋପଡା କରିଥିଲେ। ପଥରରେ ଗାଡ଼ିର କାଚ ଭାଙ୍ଗି ଦେଇଥିଲେ। ଏମିତିକି ଦୀର୍ଘ ସମୟ ସେମାନଙ୍କୁ ଅଟକାଇ ରଖିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କର୍ମଚାରୀମାନେ କୌଶଳ କରି ସେମାନଙ୍କ କବଳରୁ ଖସି ଆସି ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୬୦୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପୁରାତନଙ୍କୁ ବିଦାୟ, ନୂତନଙ୍କୁ ସ୍ୱାଗତ





ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ,୨୨।୧୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ସୋମବାର ଓଡ଼ିଆ ବିଭାଗର ପୁରାତନ ଛାତ୍ରୀଛାତ୍ର ମାନଙ୍କୁ ବିଦାୟ ଓ ପ୍ରଥମବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁଧାଂଶୁ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ ମଞ୍ଚାସୀନ ଥିଲେ। ପ୍ରାଧ୍ୟାପିକା ଶୁଭଲକ୍ଷ୍ମୀ ପଟ୍ଟନାୟକ, ଅଧ୍ୟାପିକା ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ନରେଶ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗାନ୍ଧୀ, ନବକୃଷ୍ଣଙ୍କ ଫଟୋଚିତ୍ର ପ୍ରଦର୍ଶନୀ

**ଅନୁଗୋଳ ଅଫିସ,୨୨।୧୧**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ୭୫ବର୍ଷ ପୂର୍ତ୍ତି ଅବସରରେ ସୋମବାର ଛାତ୍ରାବାସ ପରିସରରେ ମହାତ୍ମା ଗାନ୍ଧୀ ଓ ନବକୃଷ୍ଣ ଚୌଧୁରୀଙ୍କ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହାକୁ ଲେଖିକା ସୁଜାତା ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୀବନବ୍ୟାପୀ କାର୍ଯ୍ୟ ଓ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟର ଅନେକ ଫଟୋଚିତ୍ର ସ୍ଥାନ ପାଇଛି। ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ସୂର୍ଯ୍ୟ ନାରାୟଣ ନାଥ, ଆଦ୍ୟଶ୍ଲୋକ ମିଶ୍ର, ସୁଜାତା ପ୍ରୀତିନନ୍ଦା, ଅମ୍ଳାନ ମହାନ୍ତି, ସୁନ୍ଦର ମୋହନ ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସନ୍ଧ୍ୟାରେ ଶିକ୍ଷାବିତ୍ ପ୍ରଫେସର ବିଭୂତି ଭୂଷଣ ମହାନ୍ତିଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଶାନ୍ତି ମନ୍ଦିର ପରିସରରେ ଇଞ୍ଜିନିୟର





ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ତୁଳସୀ ମୁଣ୍ଡା କହିଲେ, ପ୍ରଫେସର ମହାନ୍ତି ଜଣେ ବିଶ୍ୱମାନବ। ଓଡ଼ିଶା ପ୍ରତି ତାଙ୍କ ଅବଦାନ କିଛି କମ୍ ନୁହେଁ। ପ୍ରୌଢ଼ ଶିକ୍ଷାର ଅୟମାରମ୍ଭ ସେ ଓଡ଼ିଶାରେ କରିଥିଲେ। ଢେଙ୍କାନାଳରେ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆରମ୍ଭ କରି ସାମ୍ବାଦିକତା କ୍ଷେତ୍ରରେ ଏକ ବିପ୍ଳବ ଆଣିଥିଲେ। ମୁଖ୍ୟବକ୍ତା ଶୈଳଜ ରବି କହିଥିଲେ, ନିପଟ ଗାଁର ଗୋଟିଏ ପିଲା ଯେ ପୃଥିବୀର ବିଭିନ୍ନ ଦେଶରେ କାମ କରି ସୁନାମ ଅର୍ଜନ କରିଛନ୍ତି, ତାହା ପ୍ରଫେସର ମହାନ୍ତିଙ୍କ ଆତ୍ମଜୀବନୀ ବଳଦ ଗାଡିରୁ ବୋଇଂ ବିମାନ ପଢ଼ିଲେ ଜଣାପଡ଼ିବ। ଏହି ସଭାରେ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡା. ବିଶ୍ୱଜିତ ଅତିଥି ପରିଚୟ ଦେଇଥିବା ବେଳେ ଛାତ୍ରାବାସ ସମ୍ପାଦକ ଭାବଗ୍ରାହୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସଦର ଥାନାରେ ଯୋଗଦେଲେ ସତ୍ୟବ୍ରତ



**ଅନୁଗୋଳ ଅଫିସ, ୨୨।୧୧**

ଅନୁଗୋଳ ସଦର ଥାନାରେ ନୂତନ ଅଧିକାରୀ ଭାବେ ସତ୍ୟବ୍ରତ ରାଉତ ସୋମବାର ଯୋଗ ଦେଇଛନ୍ତି। ଥାନା ଅଧୀନରେ ଆସୁଥିବା ୧୮ଟି ପଞ୍ଚାୟତରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦିଗରେ ଜୋରଦାର କାର୍ଯ୍ୟ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ସଦର ଥାନା ୨୦୨୦ ଡିସେମ୍ବର ୩୦ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ଜିଲାର ଏହି ନୂଆ ଥାନାରେ ପ୍ରଥମ ଅଧିକାରୀ ଭାବେ ପ୍ରଭାତ ତ୍ରିପାଠୀ ଯୋଗ ଦେଇଥିଲେ। ତାଙ୍କର ଅନୁଗୋଳ ଥାନାକୁ ବଦଳି ହୋଇଯାଇଥିବାରୁ ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଏଠାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

# ୫ ଦଫା ଦାବି ନେଇ ଧାରଣା

**ଢେଙ୍କାନାଳ ଅଫିସ,୨୨।୧୧**

ଢେଙ୍କାନାଳ ଜିଲା ସମବାୟ କର୍ମଚାରୀ ସଂଘ ପକ୍ଷରୁ ସୋମବାର ମହିଷାପାଟସ୍ଥିତ ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ସଂଘ ସଭାପତି ବିଷ୍ଣୁ ଚରଣ ସାହୁଙ୍କ ନେତୃତ୍ୱରେ ସଦସ୍ୟମାନେ ଏକ ଶୋଭାଯାତ୍ରାରେ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଧାରଣାରେ ବସିଥିଲେ। ଓଡ଼ିଶାର ସମସ୍ତ ୨୭୦୮ ପ୍ରାଥମିକ ସମବାୟ ସମିତି ଓ ଲାମ୍ପ୍ସରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ୭ମ ବେତନ କମିଶନ ଲାଗୁ, ଆସନ୍ତା ବଜେଟରେ ଦରମା ଓ ଭତ୍ତା ନିମନ୍ତେ ୧ ହଜାର କୋଟି ଟଙ୍କା ମଞ୍ଜୁର, କରୋନା ସମୟରେ ପ୍ରାଣ ହରାଇଥିବା କର୍ମଚାରୀଙ୍କ ନିମନ୍ତେ ଅତିକମ୍‌ରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ସମସ୍ତ କର୍ମଚାରୀଙ୍କ ନିମନ୍ତେ ୧୦ଲକ୍ଷ ଟଙ୍କାର ବୀମା ଆଦି ୫ ଦଫା ଦାବି ରଖାଯାଇଥିଲା। ପରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲା ସମବାୟ ଉପନିବନ୍ଧକ ସଂଗ୍ରାମ କିଶୋର ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୨୯ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ରାଜ୍ୟର ସମସ୍ତ ସମବାୟ କର୍ମଚାରୀ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ଚେତାବନୀ ଦିଆଯାଇଥିବା ଉପସଭାପତି ନିମେଇଁ ଚରଣ ସାହୁ, ସମ୍ପାଦକ ମନୋଜ କୁମାର ମିଶ୍ର, ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଧାରଣାରେ ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।



ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

# 'ସମାଜର ନୀତି ନିୟମ ମାନ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବଇଣ୍ଡା,୨୨।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଧଡ଼ରପାଳ ପଞ୍ଚାୟତ ଜିଅନ୍ତାନାଳି ଗ୍ରାମରେ ରବିବାର ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ଜିଲା ସଭାପତି ଧଡରପାଳ ଗ୍ରାମର ସଦାଶିବ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚକ୍ରଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଁଣ୍ଡ ମହାସଭା ରାଜ୍ୟ କର୍ମକର୍ତ୍ତା ସୁକାନ୍ତିବାଳା ନାୟକ ଯୋଗଦେଇ ସଦାଶିବଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ ଗୋଁଣ୍ଡ ମହାସଭାର ସମସ୍ତ ନୀତି ନିୟମ ମାନି ଚଳିବା ପାଇଁ ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସଞ୍ଜୟ କୁମାର ନାୟକ, ଅନ୍ୟତମ ଅତିଥି ଭାବେ ପ୍ରଶ୍ନ ନାୟକ, କର୍ଣ୍ଣ ନାୟକ, ଜୟରାମ ନାୟକ, ଅର୍ଜୁନ ନାୟକ, ପୀତାମ୍ବର ନାୟକ, ସତ୍ୟବାଦୀ ନାୟକ, ପ୍ରଭାସିନୀ ନାୟକ, ଅନୁରାଧା ନାୟକ, ପ୍ରତିମା ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ତ୍ରିନାଥ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅମରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା,୨୨।୧୧(ଡି.ଏନ.ଏ.)**

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର ଠାକୁରଗଡ ଥାନା ଅଞ୍ଚଳରେ ଚଢାଉ କରାଯାଇ ୩୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କୁତୁଲିସିଙ୍ଗା ଗ୍ରାମର ସଂଯୁକ୍ତା ପ୍ରଧାନ, ପିତାବଳିବାହାଳ ଗ୍ରାମର ଦୁଷ୍ମନ୍ତ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକ ଚଢାଉ କରିଥିଲେ।

### କୂଅରେ ପଡ଼ି ଜଣେ ମୃତ

**ଛେଣ୍ଡିପଦା,୨୨।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା କୋଶଳା ଗାଁ ନାଳ ସାହିରେ କୂଅରେ ପଡ଼ି ରବିବାର ସେହି ଗ୍ରାମର ରବୀନ୍ଦ୍ର ପ୍ରଧାନ (୫୦)ଙ୍କ ମୃତ୍ୟୁ ହୋଇଛି। ରବୀନ୍ଦ୍ର ସନ୍ଧ୍ୟାରେ କୋଶଳା ବଜାରରୁ ଘରକୁ ଫେରୁଥିବାବେଳେ ଏକ ଖୋଲା କୂଅରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅନୁଗୋଳରେ ଜଣେ ସଂକ୍ରମିତ

**ଅନୁଗୋଳ ଅଫିସ,୨୨।୧୧**

ଅନୁଗୋଳ ଜିଲାରୁ ସୋମବାର ଜଣେ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ଆକ୍ରାନ୍ତ ଜଣକ ଅନୁଗୋଳ ପୌରାଞ୍ଚଳର। ତାଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି।

# ଦାୟିତ୍ୱ ନେଲେ ଢେଙ୍କାନାଳର ନୂଆ ଏସ୍‌ପି

**ଢେଙ୍କାନାଳ ଅଫିସ,୨୨।୧୧**

ଢେଙ୍କାନାଳ ଜିଲାର ନୂତନ ଏସ୍‌ପି ଭାବେ ଲୋଗା ନାୟାଗୀ ଦିବ୍ୟା ଭି. ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ବିଦାୟୀ ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ

**ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣକୁ ପ୍ରାଥମିକତା**

ଜିଲା ପୋଲିସ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ନୂତନ ଏସ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶିଳ୍ପ, ବାଣିଜ୍ୟ ପ୍ରତିଷ୍ଠାନ କର୍ମକର୍ତ୍ତାମାନେ ମଧ୍ୟ ଜିଲା କାର୍ଯ୍ୟାଳୟଠାରେ ନୂତନ ଏସ୍‌ପିଙ୍କୁ ଭେଟି ସ୍ୱାଗତ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ନୂଆ ଏସ୍‌ପି କହିଥିଲେ, ଜିଲାରେ ଆଇନଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯିବ। ସମସ୍ତ ଥାନା, ଫାଣ୍ଡି ଅଞ୍ଚଳ ପରିଦର୍ଶନ ଏବଂ ଅନୁଧ୍ୟାନ ସରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଲୋଗା ନାୟାଗୀ ଦିବ୍ୟା ଭି. ୨୦୧୩ ବ୍ୟାଚ୍‌ର ଭାରତୀୟ ପୋଲିସ ସେବା ଅଧିକାରୀ। ସେ ଏଥିପୂର୍ବରୁ କ୍ରାଇମବ୍ରାଞ୍ଚ ଏସ୍‌ପି ରହିଥିଲେ। ତାଙ୍କୁ ମିଶାଇ ଜିଲା ଏଯାଏ ୩ ଜଣ ମହିଳା ଏସ୍‌ପିଙ୍କୁ ପାଇଛି। ବିଦାୟୀ ଏସ୍‌ପି ସୁବ୍ରମଣିଙ୍କ କେନ୍ଦ୍ରୀୟ ଡେପୁଟେଶନରେ ସିବିଆଇକୁ ବଦଳି ହୋଇଛି।



ନୂଆ ଏସ୍‌ପି ଲୋଗା ନାୟାଗୀ ଦିବ୍ୟା ଭି.

# ସଫଳ ପରିଚାଳନା ଉପରେ ଗୁରୁତ୍ୱ

**ଅନୁଗୋଳ/ ଢେଙ୍କାନାଳ ଅଫିସ,୨୨।୧୧**

ମତ୍ସ୍ୟ ଚାଷର ଉନ୍ନତୀକରଣ ଓ ଏହାର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ରବିବାର ଜିଲା ମତ୍ସ୍ୟ ବିଭାଗ ତରଫରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ମତ୍ସ୍ୟ ଚାଷର ବିଭିନ୍ନ ବୈଷୟିକ ପ୍ରଣାଳୀ ଓ ସଫଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର ଯୋଗଦେଇ ମତ୍ସ୍ୟ ଚାଷର ବୈଜ୍ଞାନିକ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଉପମତ୍ସ୍ୟ ଅଧିକାରୀ (ଅନୁଗୋଳ ମଣ୍ଡଳ) ବବିତା ମହନ୍ତ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଏ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଗ୍ରଣୀ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଢେଙ୍କାନାଳ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ କାଯର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜିଲାକୁ ମତ୍ସ୍ୟ





ଢେଙ୍କାନାଳ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ମତ୍ସ୍ୟ ଦିବସ ପାଳନ କରାଯାଉଛି।

**ବିଶ୍ୱ ମତ୍ସ୍ୟ ଦିବସ ପାଳିତ**

ଉତ୍ପାଦନ କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ କରିବା ନିମନ୍ତେ ମତ୍ସ୍ୟଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ୍ତ କିଶୋର ଭୂୟାଁ ମତ୍ସ୍ୟ ଚାଷୀମାନଙ୍କ ଆୟ ବୃଦ୍ଧି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ଚେକ୍ ମାଧ୍ୟମରେ ରିହାତି ଅର୍ଥ ପ୍ରଦାନ କରାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ମନ୍ଦାକିନୀ ମାଳା ପ୍ରଧାନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସହକାରୀ ମତ୍ସ୍ୟ ଅଧିକାରୀ ଶୋଭନ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୫୫ଜଣ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।

